# NATIONAL NEWS BULLETIN (ODIA)

## 28 October - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆୟୋଜିତ ଅଷ୍ଟମ ଆନ୍ତର୍ଜାତିକ ସୌରଶକ୍ତି ମେଣ୍ଟ ସମାବେଶକୁ ଆଜି ସମ୍ବୋଧନ କରିବେ ରାଷ୍ଟ୍ରପତି ।
- ମୁମ୍ବାଇରେ ଚାଲିଥିବା ସାମୁଦ୍ରିକ ନେତୃତ୍ୱ ସମ୍ମିଳନୀରେ ଆସନ୍ତାକାଲି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଚେନ୍ନାଇ ଉପକୂଳରୁ ୪୨୦ କିଲୋମିଟର ପୂର୍ବରେ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି ଘୂର୍ଣ୍ଣିଝଡ଼ 'ମୋନ୍ଥା' ।

– ବାତ୍ୟା ସ୍ଥିତି ଏବଂ ମୁକାବିଲା ପ୍ରସ୍ତୁତି ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ।

- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ସାମିଲ ।

ଏବଂ

- ଓଡ଼ିଶାକୁ ମିଶାଇ ଚାରୋଟି ରାଜ୍ୟରୁ ଚଳିତ ଖରିଫ୍ ଋତୁରେ କ୍ରୟ କରାଯିବ ୧୫ ହଜାର କୋଟି ଟଙ୍କାର କୃଷିଜାତ ସାମଗ୍ରୀ ।

# ପ୍ରେସିଡେଣ୍ଟ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଅଷ୍ଟମ ଆନ୍ତର୍ଜାତିକ ସୌରଶକ୍ତି ମେଣ୍ଟ ସମାବେଶକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସମ୍ବୋଧନ କରିବେ । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲାଦ ଯୋଶୀ ଏହି ସମାବେଶରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୨୪ଟି ଦେଶର ୪୦ରୁ ଅଧିକ ମନ୍ତ୍ରୀ ଏବଂ ପ୍ରତିନିଧି ଯୋଗଦେଉଛନ୍ତି । ସୌରଶକ୍ତି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ଶକ୍ତି କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଓ ନିରନ୍ତର ଭବିଷ୍ୟତ ଗଠନ ପାଇଁ ବିଶ୍ୱ ସମୁଦାୟକୁ ଏହି ସମାବେଶ ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସମାଧାନ ଏବଂ ସମସ୍ତଙ୍କ ପାଇଁ ସୁଲଭ ସୌରଶକ୍ତି ଉପଲବ୍ଧତା ନେଇ ସମାବେଶରେ ଆଲୋଚନା ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୌରଶକ୍ତି ଉପଯୋଗ ଦୃଷ୍ଟିକୋଣକୁ ଗତିଶୀଳ କରିବାରେ ଏହି ଆନ୍ତର୍ଜାତିକ ସମାବେଶ ଅଧିକ ସୁଯୋଗ ପ୍ରଦାନ କରିବ । ୨୦୩୦ ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଅଣ ଜିବାଶ୍ମ ଇନ୍ଧନ ଉତ୍ସରୁ ସ୍ଥାପନ ହେବାକୁ ଥିବା ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତ ଇତିମଧ୍ୟରେ ଭାରତ ହାସଲ କରିସାରିଛି । ଭାରତ ବିଶ୍ୱର ତୃତୀୟ ସର୍ବବୃହତ ସୌର ଉତ୍ପାଦକ ଏବଂ ନବୀକରଣୀୟ ଶକ୍ତି ଅଭିବୃଦ୍ଧି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନର ମାନ୍ୟତା ପାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିଶୁଳ୍କ ଯୋଜନା ଅଧୀନରେ ଦେଶର ୨୦ ଲକ୍ଷରୁ ଅଧିକ ପରିବାର ଛାତ ଉପର ସୌରଶକ୍ତିରୁ ଉପକୃତ

ହେଉଛନ୍ତି । ଅଙ୍ଗାରକାମ୍ଳ ନିର୍ଗମନକୁ ଶୂନ୍ୟ ସ୍ତରକୁ ଆଣିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । କୃଷି, ସ୍ୱାସ୍ଥ୍ୟ, ପରିବହନ ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସୌରଶକ୍ତିର ବ୍ୟବହାରକୁ ଏହି ଯୋଜନା ପ୍ରୋତ୍ସାହନ ପ୍ରଦାନ କରିଛି ।

## ପିଏମ୍-ମୁମ୍ବାଇ ଭିଜିଟ୍

ମୁମ୍ବାଇରେ ଚାଲିଥିବା ସାମୁଦ୍ରିକ ନେତୃତ୍ୱ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ସମ୍ବୋଧନ କରିବେ । ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ସମ୍ମିଳନୀର ବିଶ୍ୱ ସାମୁଦ୍ରିକ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବୈଠକରେ ଶ୍ରୀ ମୋଦୀ ଅଧ୍ୟକ୍ଷତା କରିବେ । ୨୦୪୭ ସାମୁଦ୍ରିକ ଅମୃତକାଳ ଦୃଷ୍ଟିକୋଣ ଆଧାରରେ ଏକ ସଂଯୁକ୍ତ ମହତ୍ୱାକାଂକ୍ଷି, ଭବିଷ୍ୟତମୁଖୀ ସାମୁଦ୍ରିକ ପରିବର୍ତ୍ତନ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ଜାହାଜ ଚଳାଚଳ, ବନ୍ଦର, ଜାହାଜ ନିର୍ମାଣ, କ୍ରୁଜ୍ ପର୍ଯ୍ୟଟନ ଏବଂ ଆର୍ଥିକ କ୍ଷେତ୍ରରେ ପ୍ରମୁଖ ଅଂଶିଦାରଙ୍କୁ ଏକତ୍ରିତ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରୁଛି । ୮୫ରୁ ଅଧିକ ଦେଶର ପ୍ରତିନିଧିଙ୍କୁ ମିଶାଇ ପ୍ରାୟ ୧ ଲକ୍ଷରୁ ଅଧିକ ପ୍ରତିନିଧି ଏବଂ ୩୫୦ରୁ ଅଧିକ ଆନ୍ତର୍ଜାତିକ ବକ୍ତା ଏଥିରେ ଯୋଗଦେଇଛନ୍ତି ।

## ସାଇକ୍ଲୋନ୍

ବଙ୍ଗୋପସାଗର ଉପରେ ସୃଷ୍ଟ ଘୂର୍ଣ୍ଣିଝଡ଼ 'ମୋନ୍ଥା' ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଚେନ୍ନାଇ ଉପକୂଳରୁ ପ୍ରାୟ ୪୨୦ କିଲୋମିଟର ପୂର୍ବରେ କେନ୍ଦ୍ରୀଭୂତ ହୋଇଛି । ଘଣ୍ଟାକୁ ୧୫ କିଲୋମିଟର ବେଗରେ ଏହା ଗତି

କରୁଥିବା ଜଣାପଡ଼ିଛି । ଉତ୍ତର-ଉତ୍ତର-ପଶ୍ଚିମ ଆଡ଼କୁ ଗତି କରି ଆଜି ଏହା ଭୟଙ୍କର ରୂପ ନେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ।

ପାଣିପାଗ ବିଭାଗ କହିଛି, ଆନ୍ଧ୍ରପ୍ରଦେଶ, ୟାନମ, ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ ଛତିଶଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ରୟାଲ୍‌ସୀମା, ତାମିଲନାଡୁ, ପୁଡୁଚେରୀ, କରେଇକାଲ୍ ଏବଂ ତେଲଙ୍ଗାନାରେ ମଧ୍ୟ ଆଜି ପ୍ରବଳ ବର୍ଷା ହେବ । ମଛଲିପଟନମ୍ ଏବଂ କଳିଙ୍ଗ ପଟନମ୍ ମଧ୍ୟରେ କାକିନାଡ଼ା ନିକଟରେ ଘୂର୍ଣ୍ଣିଝଡ଼ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । ଉପକୂଳ ସ୍ପର୍ଶ ବେଳେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୧୦ କିଲୋମିଟର ହୋଇପାରେ । ସମୁଦ୍ର ତରଙ୍ଗ ୩ ଦଶମିକ୍ ୮ ମିଟର ପର୍ଯ୍ୟନ୍ତ ଉଠିପାରେ ବୋଲି ଆକଳନ କରାଯାଇଛି । ଆସନ୍ତାକାଲି ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାତ୍ୟା ସ୍ଥିତି ଏବଂ ଏହାର ମୁକାବିଲା ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ସହ ଆଲୋଚନା କରିଛନ୍ତି । ସମସ୍ତ ପ୍ରକାର କେନ୍ଦ୍ରୀୟ ସହାୟତା ପ୍ରଦାନ ନେଇ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିବା ସହ ତଳିଆ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଶ୍ରୀ ନାଇଡୁ କହିଛନ୍ତି ।

ଓଡ଼ିଶାରେ ବାତ୍ୟା ମୁକାବିଲାର ପ୍ରସ୍ତୁତି ନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ତଳିଆ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା

ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର ଜାରି ରହିଛି । ଆଜି ସକାଳ ସୁଦ୍ଧା ୩୫ ହଜାରରୁ ଅଧିକ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର ନେଇ ଲକ୍ଷ୍ୟ ରଖାଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଘୂର୍ଣ୍ଣିଝଡ଼ 'ମୋନ୍ଥା'ର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଏବଂ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ବର୍ଷା ଲାଗି ରହିଛି । ରାଜ୍ୟର ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସ୍କୁଲ୍ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆଜିଠାରୁ ୩ ଦିନ ପାଇଁ ବନ୍ଦ ରଖାଯାଇଛି । ରେଳବାଇ ପକ୍ଷରୁ ୪୩ଟି ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା 'ମୋନ୍ଥା' ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଏବଂ ସହାୟତା କାର୍ଯ୍ୟରେ ସାମିଲ ହେବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ରିଲିଫ୍ ସାମଗ୍ରୀର ସୁ-ବ୍ୟବସ୍ଥିତ ବଣ୍ଟନ ଏବଂ ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ପରିମଳ ଏବଂ ପରିବେଶ ସୁରକ୍ଷା ଦିଗରେ ଜନସଚେତନତା ବୃଦ୍ଧି ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଶ୍ରୀ ନଡ୍ଡା ଦଳୀୟ କର୍ମୀଙ୍କୁ କହିଛନ୍ତି ।

## ଇସି-ଏସ୍‌ଆଇଆର୍-ଫେଜ୍-୨

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନୂଆଦିଲ୍ଲୀରେ

ଗତକାଲି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ପର୍ଯ୍ୟାୟର ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ଫେବୃୟାରୀ ୭ ତାରିଖରେ ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତାମିଲନାଡୁ, ପଶ୍ଚିମବଙ୍ଗ, ଗୋଆ, କେରଳ, ପୁଡୁଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦ୍ୱୀପକୁ ଅନ୍ତର୍ଭୁକ୍ତ କରାଯାଇଛି । ସେ କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ୫୧ କୋଟିରୁ ଅଧିକ ଭୋଟର ସାମିଲ ହେବେ ।

ଗତ ମଧ୍ୟରାତ୍ରିରୁ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ଭୋଟର ତାଲିକାରେ କୌଣସି ପରିବର୍ତ୍ତନକୁ ସ୍ଥଗିତ ରଖାଯାଇଛି । ଶ୍ରୀ କୁମାର କହିଛନ୍ତି, ଗଣନା ଫର୍ମ ମୁଦ୍ରଣ ଏବଂ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଆଜିଠାରୁ ତାଲିମ୍ ପ୍ରଦାନ ଆରମ୍ଭ ହେବ । ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ । ୪ ତାରିଖରୁ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ । ଚିଠା ଭୋଟର ତାଲିକା ଡିସେମ୍ବର ୯ ତାରିଖରେ ପ୍ରକାଶ ପାଇବ । ତାଲିକା ଉପରେ ରହିଥିବା ଆପତ୍ତି ଅଭିଯୋଗ ଗୁଡ଼ିକୁ ଦାଖଲ କରିବା ପାଇଁ ଜାନୁଆରୀ ୮ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି ।

ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଭିଯୋଗ ଗୁଡ଼ିକ ଉପରେ ଶୁଣାଣି ଏବଂ ଯାଞ୍ଚ୍ ଅନୁଷ୍ଠିତ ହେବ ବୋଲି ଶ୍ରୀ କୁମାର କହିଛନ୍ତି । ୨୦୦୩ ଭୋଟର ତାଲିକାରେ ସଂଶ୍ଳିଷ୍ଟ ଥିବା ଭୋଟରଙ୍କୁ ଏହି ସଂଶୋଧନ ପ୍ରକ୍ରିୟା କୌଣସି ଅତିରିକ୍ତ ତଥ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ପିଏମ୍-ଭିବିୱାଇଏଲ୍ଡି

ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୁବଗୋଷ୍ଠୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ହେଉଛି ଦେଶର ଯୁବବର୍ଗଙ୍କ ପାଇଁ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାର ଏକ ବଡ଼ ସୁଯୋଗ । ଯୁବପିଢ଼ିଙ୍କ ଚିନ୍ତାଧାରା ଏବଂ ଅନ୍ତର୍ଦୃଷ୍ଟି ବିକଶିତ ଭାରତ ନିର୍ମାଣକୁ ପଥ ପ୍ରଶସ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆବେଦନ କରାଯାଇପାରିବ । ଆସନ୍ତା ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ଶିବଜରା-ଖରିଫ୍

ଚଳିତ ଖରିଫ୍ ଋତୁ ପାଇଁ ୧୫ ହଜାର କୋଟି ଟଙ୍କାର କ୍ରୟ ଯୋଜନାକୁ ଅନୁମୋଦନ କରାଯାଇଛି । ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରୁ କୃଷିଜାତ ଦ୍ରବ୍ୟ କ୍ରୟ କରାଯିବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି କ୍ରୟ ଯୋଜନାକୁ ଅନୁମୋଦନ କରାଯାଇଛି । କୃଷି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, କୃଷି ଉତ୍ପାଦର ଲାଭ ଚାଷୀଙ୍କ ପାଖରେ ପହଞ୍ଚାଇବା ଏବଂ

ବଜାରର ପ୍ରତିକୂଳ ପରିସ୍ଥିତିରୁ ସେମାନଙ୍କ ଆୟକୁ ସୁରକ୍ଷିତ ରଖିବା ପାଇଁ ଏହି କ୍ରୟ ଯୋଜନାକୁ ଅନୁମୋଦନ କରାଯାଇଛି ।

## ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ମାସ ୨୨ ତାରିଖରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଦେଶରେ ସମାଜର ବିଭିନ୍ନ ବର୍ଗର ନାଗରୀକ ଏହାର ସୁଫଳ ପାଉଛନ୍ତି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଷ୍ଟେସନାରୀ ସାମଗ୍ରୀ କ୍ଷେତ୍ରରେ ଟିକସହାର ହ୍ରାସ କରାଯାଇଛି । ପେନ୍‌ସିଲ୍, ସାର୍ପନର୍, କ୍ରାୟୋନ୍, ଖାତା, ଗ୍ରାପ୍ ବହି, ମାନଚିତ୍ର ଏବଂ ଚାର୍ଟ୍ ଗୁଡ଼ିକୁ ସମ୍ପୂର୍ଣ୍ଣ କରମୁକ୍ତ କରାଯାଇଛି । ପୂର୍ବରୁ ଏ ଗୁଡ଼ିକ ୧୨ ପ୍ରତିଶତ ଜି.ଏସ୍.ଟି. ଶ୍ରେଣୀ ଭୁକ୍ତ ରହିଥିଲା । ଏଭଳି ସଂସ୍କାର ଅତ୍ୟାବଶ୍ୟକ ଶିକ୍ଷା କ୍ଷେତ୍ରରେ ବ୍ୟବହାର ସାମଗ୍ରୀ ଗୁଡ଼ିକୁ ଅଧିକ ସୁଲଭ କରିବା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷା ଖର୍ଚ୍ଚ ହ୍ରାସ ପାଇଛି । ଚାହିଦା ବୃଦ୍ଧି ଯୋଗୁଁ ଘରୋଇ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିଛି । ଶିକ୍ଷା ଉପକରଣ ଶସ୍ତା ହେବା ଫଳରେ ଦେଶରେ ଶିକ୍ଷା ଉପଲବ୍ଧତା ବୃଦ୍ଧି ପାଇଛି ।